CoverageReport: TCS IT Wiz – Mega Finals

**Publication:** Suryaprava
**Date:**19/12/2014
**Edition:** Bhubaneswar
**Page No:**7
**Headline:**DAV Bhubaneshwar finishes as runners up of TCS IT Wiz 2014

# ଟିସିଏସ୍ ଆଇଟି ଓ୍ୱିଜ୍ ୨୦୧୪ରେ ଡିଏଭି ଭୁବନେଶ୍ୱର ରନର୍ସ ଅପ୍

॥ ପ୍ରଭାନ୍ୟୁଜ୍ ॥ ଭୁବନେଶ୍ୱର: ଭାରତ ଓ ୟୁଏଇରେ ସ୍କୁଲ ସ୍ତରରେ ସର୍ବବୃହତ କୁଇଜ୍ କାର୍ଯ୍ୟକ୍ରମ ଭାବେ ପରିଚିତ ତଥା ସବୁଠାରୁ ତୀବ୍ର ପ୍ରତିଦ୍ୱନ୍ଦ୍ୱିତା ହେଉଥିବା ଟିସିଏସ୍ ଆଇଟି ଓ୍ୱିଜ୍‌ର ମେଗା ଫାଇନାଲ୍‌ରେ ମୁମ୍ବଇର ତାଜଲ୍ୟାଣ୍ଡ୍ସ ଏଣ୍ଡ ହୋଟେଲରେ ଡିସେମ୍ବର ୧୪ ତାରିଖରେ ଭାରତରୁ ୬ ଏବଂ ୟୁଏଇର ଗୋଟିଏ ଏହିଭଳି ୭ଟି ଦଳ ମଧ୍ୟରେ କଡା ମୁକାବିଲା ଦେଖିବାକୁ ମିଳିଥିଲା । କୁଇଜ୍‌ର ପାଞ୍ଚରାଉଣ୍ଡ ପରେ ଚେନ୍ନଇସ୍ଥିତ ପିଏସ ସିନିୟର ସେକେଣ୍ଡାରୀ ସ୍କୁଲର ଅର୍ଜୁନ ଅରବିନ୍ଦ ଏବଂ ଏସ ଅଭିନବ ମୋଟ ୫୦ ପଏଣ୍ଟ ସ୍କୋର କରିବା ସହିତ ଚମ୍ପିଆନ ହୋଇଥିଲେ । ଭୁବନେଶ୍ୱର ପୋଖରୀପୁଟ ଡିଏଭି ପବ୍ଲିକ ସ୍କୁଲର ଦିବ୍ୟେନ୍ଦୁ ମିଶ୍ର ଓ କ୍ରିଷ୍ଣେନ୍ଦୁ ମହାପାତ୍ର ରନର୍ସ ଅପ ହୋଇଥିଲେ । ଚଳିତ ବର୍ଷ ଅଗଷ୍ଟରୁ ନଭେମ୍ବର ମଧ୍ୟରେ ଭାରତରେ ଅହମଦାବାଦ, ବାଙ୍ଗାଲୋର, ଭୁବନେଶ୍ୱର, ଚେନ୍ନଇ, କୋଏମ୍ବାଟୁର, ଦିଲ୍ଲୀ, ହାଇଦରାବାଦ, କୋଚି, କଲକାତା, ଲକ୍ଷ୍ନୌ, ମୁମ୍ବଇ, ନାଗପୁର ଏବଂ ପୁଣେ ଆଦି ୧୪ଟି ସ୍ଥାନରେ ଆଞ୍ଚଳିକ ସ୍ତରରେ ଆୟୋଜିତ ଟିସିଏସ୍ ଆଇଟି ଓ୍ୱିଜ୍‌ରେ ଅଷ୍ଟମରୁ ଦ୍ୱାଦଶ ଶ୍ରେଣୀରେ ପଢୁଥିବା ୧୯୦୦ ସ୍କୁଲରୁ ୧୮,୪୩୨ରୁ ଅଧିକ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ । ପ୍ରତିଯୋଗିତାର ମେଗା ଟିସିଏସ୍‌ର ସିଇଓ ତଥା ଏମ୍‌ଡି ଏନ ଚନ୍ଦ୍ରଶେଖରନ୍ ସମ୍ମାନନୀୟ ଅତିଥିଭାବେ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ । କୁଇଜ୍‌ର ପାଞ୍ଚରାଉଣ୍ଡ ପରେ ଚେନ୍ନଇ ପିଏସ ସିନିୟର ସେକେଣ୍ଡାରୀ ସ୍କୁଲର ଅର୍ଜୁନ ଅରବିନ୍ଦ ଏବଂ ଏସ ଅଭିନବ ମୋଟ ୫୦ ପଏଣ୍ଟ ରଖିବା ସହିତ ଚମ୍ପିଆନ ହୋଇଥିଲେ । ସେମାନେ ୨୦୧୩ ଟିସିଏସ୍ ଆଇଟି ଓ୍ୱିଜରେ ରନର୍ସ ଅପ ହୋଇଥିଲେ । ଚଳିତ ବର୍ଷ ବିଜେତାଙ୍କୁ ମାକ୍‌ବୁଏୟାର, ସୋନି ହେଡଫୋନ ଏବଂ ୧ଟିବି ଏକ୍ସଟର୍‌ନାଲ ହାର୍ଡଡିସ୍କ, ପାୱାରବ୍ୟାଙ୍କ, ବ୍ଲୁଟୁଥ ସ୍ପିକର ଏବଂ ଟିସିଏସ ନ୍ୟୁୟର୍କ ମାରାଥନ୍ କିଟ୍ ସହିତ ସ୍ୱର୍ଣ୍ଣ ପଦକ, ଟ୍ରଫି ପ୍ରଦାନ କରାଯାଇଥିଲା । ଡିଏଭି ପବ୍ଲିକ ସ୍କୁଲ ପୋଖରୀପୁଟ, ଭୁବନେଶ୍ୱରର ଦିବ୍ୟେନ୍ଦୁ ମିଶ୍ର ଓ କ୍ରିଷ୍ଣେନ୍ଦୁ ମହାପାତ୍ର ରନର୍ସ ଅପ ହୋଇ ଲେନୋଭୋ ଆଇଡିଆପ୍ୟାଡ ଗୁରୁ, ସୋନି ହେଡଫୋନ, ପାୱାରବ୍ୟାଙ୍କ, ବ୍ଲୁଟୁଥ ସ୍ପିକର ଏବଂ ଟିସିଏସ ନ୍ୟୁୟର୍କ ମାରାଥନ୍ କିଟ ସହିତ ରୌପ୍ୟ ପଦକ ଓ ଟ୍ରଫି ପାଇଛନ୍ତି ।